# NATIONAL NEWS BULLETIN (ODIA)

## 7 January - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିଧାନସଭା ନିର୍ବାଚନ ଆସନ୍ତା ଫେବୃୟାରୀ ୫ ତାରିଖରେ ହେବ ବୋଲି ଘୋଷଣା କଲେ ମୁଖ୍ୟ ନିର୍ବାଚନ ଆୟୁକ୍ତ ।
- ଡିଜିଟାଲ୍ ବ୍ୟକ୍ତିଗତ ଡାଟା ସୁରକ୍ଷା ନିୟମ ୨୦୨୫ ନାଗରିକମାନଙ୍କୁ ସୁ-ଶାସନ ପ୍ରଦାନ କରିବାକୁ ପ୍ରାଥମିକତା ଦେଇଛି, କହିଲେ ପ୍ରଧାନମନ୍ତ୍ରୀ ।
- ଭାରତପୋଲ ପୋର୍ଟାଲ୍ ତଦନ୍ତକାରୀ ସଂସ୍ଥା ଗୁଡ଼ିକୁ ଅପରାଧ ନିୟନ୍ତ୍ରଣରେ ବିଶେଷ ସହାୟକ ହେବ, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଓଡ଼ିଶାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ।

ଏବଂ

- ନେପାଳ ଭୂକମ୍ପ ମୃତ୍ୟୁ ସଂଖ୍ୟା ୯୫କୁ ବୃଦ୍ଧି ।

# ଦିଲ୍ଲୀ ଇଲେକ୍‌ସନ୍

ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର ଦିଲ୍ଲୀ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରିଛନ୍ତି । ଆସନ୍ତା ଫେବୃୟାରୀ ୫ ତାରିଖରେ ମତଦାନ ହେବାକୁ ଥିବା ବେଳେ ୮ ତାରିଖରେ ଭୋଟ୍ ଗଣତି ହେବ । ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ କୁମାର କହିଛନ୍ତି, ଦିଲ୍ଲୀ ନିର୍ବାଚନ ପାଇଁ ଆସନ୍ତା ୧୦ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ । ବିଧାନସଭାର ସମସ୍ତ ୭୦ ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ । ନିର୍ବାଚନ ପାଇଁ ଆସନ୍ତା ୧୭ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ରହିଛି । ଶ୍ରୀ କୁମାର କହିଛନ୍ତି, ଦିଲ୍ଲୀ ବିଧାନସଭା କ୍ଷେତ୍ର ଅଧୀନରେ ରହିଥିବା ୧ କୋଟି ୫୫ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ପାଇଁ ୧୩ ହଜାର ୩୩ଟି ଭୋଟ ଗ୍ରହଣ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି ।

ଇଭିଏମ୍‌ରେ ତ୍ରୁଟି ଓ ଟ୍ୟାମ୍ପରିଂ ଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ବ୍ୟାଲଟ୍ ପେପର ନୁହଁ; ଇଭିଏମ୍‌ରେ ମତଗ୍ରହଣ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନ୍ ସ୍ପଷ୍ଟ କରିଛନ୍ତି । ଚଳିତ ନିର୍ବାଚନରେ ଭୋଟରମାନେ ଅଧିକ ସଂଖ୍ୟାରେ ଭୋଟଦାନ କେନ୍ଦ୍ରକୁ ଆସି ମତଦାନ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

ସୂଚନା ଯୋଗ୍ୟ ଆସନ୍ତା ୨୩ ତାରିଖରେ ଚଳିତ ସରକାରଙ୍କ କାର୍ଯ୍ୟକାଳ ଶେଷ ହେଉଛି ।

# ନଡ୍ଡା-ଦିଲ୍ଲୀ ଇଲେକ୍‌ସନ୍

ବିଜେପି ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଦିଲ୍ଲୀ ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରିବା ପ୍ରସଙ୍ଗକୁ ସ୍ୱାଗତ କରିଛନ୍ତି । ନିର୍ବାଚନ ଗଣତନ୍ତ୍ରର ମହାପର୍ବ ବୋଲି ଶ୍ରୀ ନଡ୍ଡା ଅବିହିତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ନଡ୍ଡା କହିଛନ୍ତି, ନିର୍ବାଚନ ହେଉଛି ଏକ ମାଧ୍ୟମ ଯେଉଁଥିରେ ଦେଶର ବିକାଶ ଏବଂ ସୁ-ଶାସନ ପ୍ରତିଷ୍ଠା କରାଯାଇଥାଏ । ଦିଲ୍ଲୀର ଜନସାଧାରଣ ଏପରି ଏକ ସରକାରକୁ ବାଛିବା ଦରକାର ଯିଏ ଦୁର୍ନୀତି ମୁକ୍ତ ଶାସନ ପ୍ରଦାନ କରିବା ସହ ପ୍ରଦୂଷଣ ହ୍ରାସ ଏବଂ ଲୋକମାନଙ୍କୁ ଏକ ଗୁଣବତ୍ତା ଜୀବନଧାରଣ କରିବା ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବ ବୋଲି ଶ୍ରୀ ନଡ୍ଡା ଆହ୍ୱାନ କରିଛନ୍ତି । ଇତିମଧ୍ୟରେ ଦିଲ୍ଲୀ କଂଗ୍ରେସ ସଭାପତି ଦେବେନ୍ଦ୍ର ଯାଦବ କହିଛନ୍ତି, ଆସନ୍ତା ଫେବୃୟାରୀ ୫ ତାରିଖରେ ଦିଲ୍ଲୀ ଜନସାଧାରଣ ଆପ୍ ସରକାରକୁ ପରିବର୍ତ୍ତନ କରିବେ ।

ଆମ୍ ଆଦମୀ ପାର୍ଟି ନେତା ମନିଶ ସିସୋଦିଆ ମତଦାତାମାନେ ଆପ୍ ସରକାରକୁ ଭୋଟ୍ ଦେଇ ନିର୍ବାଚିତ କରିବେ ବୋଲି ଆଶା ପ୍ରକଟ କରିଛନ୍ତି । ସେ କହିଛନ୍ତି, ଦିଲ୍ଲୀ ସରକାର ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ମୁକ୍ତ ବିଜୁଳି ପାନୀୟ ଜଳ ଏବଂ ମହିଳାମାନଙ୍କ ପାଇଁ ମାଗଣା ବସ୍ ସେବା ଯୋଗାଇଦେବ ।

## ପିଏମ୍-ଡାଟା ପ୍ରୋଟେକ୍ସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଡିଜିଟାଲ୍ ବ୍ୟକ୍ତିଗତ ଡାଟା ସୁରକ୍ଷା ନିୟମ ୨୦୨୫ ନାଗରୀକମାନଙ୍କୁ ସୁ-ଶାସନ ପ୍ରଦାନ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରାଥମିକତା ଦେଇଛି । ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କରିଥିବା ଏକ ପୋଷ୍ଟକୁ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି, ଏହି ନିୟମ ବ୍ୟକ୍ତିଗତ ଡାଟା ସୁରକ୍ଷାରେ ଅତ୍ୟନ୍ତ କ୍ରିୟାଶୀଳ ଭାବେ କାର୍ଯ୍ୟ କରିବ । ଡିଜିଟାଲ୍ ବ୍ୟକ୍ତିଗତ ଡାଟା ସୁରକ୍ଷା ନିୟମ ନାଗରିକଙ୍କ ଡିଜିଟାଲ ବ୍ୟକ୍ତିଗତ ଡାଟାର ସୁରକ୍ଷା ସୁନିଶ୍ଚିତ କରିବାକୁ ସହାୟକ ହେଉଛି । ମନ୍ତ୍ରଣାଳୟ ମାଇଗଭ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ଆସନ୍ତା ମାସ ୧୮ ତାରିଖ ପର୍ଯ୍ୟନ୍ତ ଜନସାଧାରଣମାନଙ୍କ ପାଖରୁ ଏହି ଡ୍ରାଫ୍ଟ ଉପରେ ମତାମତ ଆହ୍ୱାନ କରିଛନ୍ତି ।

## ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଭାରତପୋଲ ପୋର୍ଟାଲ୍ ଏବଂ ତିନୋଟି ନୂତନ ଅପରାଧିକ ଆଇନ୍ ବିଦେଶକୁ ପଳାୟନ କରିଥିବା ଅପରାଧୀଙ୍କୁ ଧରିବା ପାଇଁ ଏକ ଦୃଢ଼ ବ୍ୟବସ୍ଥା ଭାବରେ କାର୍ଯ୍ୟ କରିବ । ଆଜି ନୂଆଦିଲ୍ଲୀରେ ଭାରତପୋଲ ପୋର୍ଟାଲ୍‌ର ଶୁଭାରମ୍ଭ କରି ଶ୍ରୀ ଶାହା

କହିଛନ୍ତି, ଏହା ୧୯୫ଟି ଦେଶର ଇଣ୍ଟରପୋଲ୍ ନେଟ୍‌ୱ୍ୱାର୍କ ସହିତ ସମସ୍ତ ରାଜ୍ୟର ତଦନ୍ତକାରୀ ସଂସ୍ଥା ଏବଂ ପୋଲିସ୍‌କୁ ସହଯୋଗ କରି ଅପରାଧ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଶ୍ରୀ ଶାହା କହିଛନ୍ତି, ବର୍ଷ ବର୍ଷ ଧରି ଭାରତରେ ଅପରାଧ କରି ଅନ୍ୟ ଦେଶକୁ ପଳାୟନ କରୁଥିବା ଅପରାଧିମାନେ ଭାରତୀୟ ଆଇନ୍ କବଳକୁ ଆସିପାରୁ ନାହାନ୍ତି । ଭାରତପୋଲ ଭଳି ଆଧୁନିକ ବ୍ୟବସ୍ଥା କାର୍ଯ୍ୟକାରି ହେଲେ ଏଭଳି ଅପରାଧିମାନଙ୍କୁ ନ୍ୟାୟ ପରିସରଭୁକ୍ତ କରାଯାଇପାରିବ ବୋଲି ସେ କହିଛନ୍ତି । ଭାରତପୋଲ, କନେକ୍ଟ, ଇଣ୍ଟରପୋଲ ନୋଟିସ୍, ରେଫରେନ୍ସ, ବ୍ରଡ୍‌କାଷ୍ଟ ଏବଂ ରିସୋର୍ସ୍‌ର ପାଞ୍ଚଟି ପ୍ରମୁଖ ମଡ୍ୟୁଲ୍ ସମସ୍ତ ଆଇନ୍ ପ୍ରବର୍ତ୍ତନକାରୀ ସଂସ୍ଥାମାନଙ୍କୁ ସାହାଯ୍ୟ କରିବା ପାଇଁ ଏକ ବୈଷୟିକ ପ୍ଲାଟ୍‌ଫର୍ମ ପ୍ରଦାନ କରିବ ବୋଲି ଶ୍ରୀ ଶାହା କହିଛନ୍ତି ।

ମନ୍ତ୍ରୀ କହିଛନ୍ତି, ଭାରତପୋଲ ପୋର୍ଟାଲ୍ ରିୟଲ୍ ଟାଇମ୍ ଡାଟା ପ୍ରଦାନ ପାଇଁ ଘରୋଇ ଏବଂ ଆନ୍ତର୍ଜାତିକ ଅନୁରୋଧ ଗୁଡ଼ିକର ପ୍ରତିକ୍ରିୟାକୁ ଯଥେଷ୍ଟ ତ୍ୱରାନ୍ୱିତ କରିପାରିବ । ଏଥିରେ ରେଡ୍ କର୍ଣ୍ଣର ନୋଟିସ୍ ଏବଂ ବିଶ୍ୱସ୍ତରୀୟ ନେଟ୍‌ୱାର୍କ ମାଧ୍ୟମରେ ସତର୍କ ସୂଚନା ଜାରି କରିବାର ବ୍ୟବସ୍ଥା ରହିଛି । ନିଶାଦ୍ରବ୍ୟ, ଅସ୍ତ୍ରଶସ୍ତ୍ର ଚୋରାଚାଲାଣ, ମାନବ ଚାଲାଣ ଏବଂ ସୀମାପାର ଆତଙ୍କବାଦ ଭଳି ଅପରାଧର ମୁକାବିଲା ଦିଗରେ ଏହି ନୂତନ

ବ୍ୟବସ୍ଥା କାର୍ଯ୍ୟ କରିବ ବୋଲି ଶ୍ରୀ ଶାହା କହିଛନ୍ତି । ସି.ବି.ଆଇ. ଦ୍ୱାରା ଏହି ପୋର୍ଟାଲ୍ ବିକଶିତ କରାଯାଇଛି ବୋଲି ଜଣାପଡ଼ିଛି ।

## ପ୍ରବାସୀ ଭାରତୀୟ ଦିବସ

ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀ ଆସନ୍ତାକାଲିଠାରୁ ଓଡ଼ିଶାର ଭୁବନେଶ୍ୱରରେ ଆରମ୍ଭ ହେବ। ପ୍ରଥମଥର ପାଇଁ ଓଡ଼ିଶାରେ ଏହି ସମ୍ମିଳନୀ ପାଳନ ପାଇଁ ସରକାରୀ ସ୍ତରରେ ବ୍ୟାପକ ଆୟୋଜନ କରାଯାଇଛି । ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରବାସୀ ଭାରତୀୟ ସମ୍ମିଳନୀ ଏକ ପ୍ରକୃଷ୍ଟ ଅବସର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏକ ସୁନ୍ଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ ପାଇଁ ପ୍ରବାସୀ ଭାରତୀୟଙ୍କୁ ଯଥୋଚିତ ସମ୍ମାନ ଓ ସ୍ୱାଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

**- V/O -**

ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଜି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ୯ଟି ନୂତନ ଗ୍ୟାଲେରୀ ଏବଂ ତାଳପତ୍ର ଚିତ୍ରରେ ପୂର୍ଣ୍ଣାଙ୍ଗ ରାମାୟଣ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଛନ୍ତି। ରାଜ୍ୟର ଐତିହ୍ୟ ସଂସ୍କୃତିକୁ

ବିଦେଶରୁ ଆସିଥିବା ପ୍ରବାସୀ ଭାରତୀୟମାନେ ଯେପରି ଜାଣିପାରିବେ ସେଥିପାଇଁ ଏହି ପ୍ରୟାସ କରାଯାଇଛି।

ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସରକାରଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବ ଅରୁଣ କୁମାର ଚାଟାର୍ଜୀ ଓ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାରେ ପୁଞ୍ଜିବିନିଯୋଗ ସମ୍ଭାବନା ନେଇ ପ୍ରବାସୀମାନଙ୍କ ସହିତ ଆଲୋଚନା ହେବ ବୋଲି କହିଛନ୍ତି।

ମହିଳାମାନଙ୍କ ପାଇଁ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଆଲୋଚନା ପାଇଁ ସ୍ୱତନ୍ତ୍ର ବୈଠକ ବ୍ୟବସ୍ଥା କରାଯାଇଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏକ ନିର୍ଦ୍ଦିଷ୍ଟ ବୈଠକରେ ଯୋଗଦେଇ ପ୍ରବାସୀ ଭାରତୀୟମାନଙ୍କ ସହ ଆଲୋଚନା କରିବେ। ଏଚ୍‌ଏମ୍‌ପିଭି ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜାରି କରିଥିବା ସତର୍କତା ମୂଳକ ନିର୍ଦ୍ଦେଶଗୁଡ଼ିକୁ ଅନୁପାଳନ କରିବା ସହ ସମସ୍ତଙ୍କର ସୁରକ୍ଷା ଏବଂ ନିରାପଦକୁ ଦୃଷ୍ଟିରେ ରଖି ବ୍ୟବସ୍ଥା କରାଯାଉଛି ବୋଲି ଶ୍ରୀ ଚାଟାର୍ଜୀ କହିଛନ୍ତି। ପ୍ରବାସୀ ଭାରତୀୟ ସମ୍ମିଳନୀର ଦ୍ୱିତୀୟ ଦିନରେ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ

ଯୋଗଦେବେ ଏବଂ ଥିମ୍ ପାଭିଲିୟନକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିବେ।

ଏଥିସହ ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲାଇବା ପାଇଁ ତିନିଦିନ ଧରି ଚାଲିବାକୁ ଥିବା ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ। ଅପରାହ୍ନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରବାସୀ ଭାରତୀୟମାନଙ୍କ ସହ ବିକଶିତ ଭାରତ-୨୦୪୭ ସମ୍ବନ୍ଧରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଶୁକ୍ରବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥିଭାବେ ଯୋଗଦେବେ।

ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଭିନ୍ନ ଦେଶରୁ ଅତିଥିମାନେ ଓଡ଼ିଶାରେ ପହଞ୍ଚୁଛନ୍ତି । କାର୍ଯ୍ୟକ୍ରମରେ ୭୦ଟି ରାଷ୍ଟ୍ରରୁ ୪ ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଯୋଗଦେବେ ବୋଲି ସୂଚନା ମିଳିଛି।

## ନେପାଳ ତିବ୍ବତ ଭୂକମ୍ପ

ନେପାଳ ତିବ୍ବତ ସୀମାରେ ଆଜି ସକାଳେ ଘଟିଥିବା ଭୂକମ୍ପରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ୯୫ରେ ପହଞ୍ଚିଛି । ଚୀନ୍ ଗଣମାଧ୍ୟମର ରିପୋର୍ଟ୍ ଅନୁସାରେ ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୭ ଦଶମିକ୍ ୧ ଥିବା

ରେକର୍ଡ କରାଯାଇଥିବା ବେଳେ ଏଥିରେ ୧୩୦ ଜଣ ଲୋକ ଆହତ ହୋଇଛନ୍ତି। ନେପାଳ ସୀମା ନିକଟସ୍ଥ ୧୦ କିଲୋମିଟର ଦୂରରେ ଥିବା ଜିଜାଙ୍ଗ ତିବ୍ବତ ସ୍ୱୟଂଶାସିତ ଅଞ୍ଚଳରେ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା । ଜିଜାଙ୍ଗ ସହରରେ ବହୁ ଲୋକ ଆହତ ହେବା ସହ ବିଭିନ୍ନ କୋଠା ଘର ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି । ଟୋଙ୍ଗଲାଇ ଗ୍ରାମ, ତାଙ୍ଗସୁଓ ସହରାଞ୍ଚଳର ଡିଙ୍ଗରି ଅଞ୍ଚଳରେ ବହୁ ଘର ଗୁଡ଼ିକ ଭାଙ୍ଗିରୁଜି ରାଇଛି । ଉତ୍ତର ଭାରତ ସମେତ ବିହାର, ପଶ୍ଚିମବଙ୍ଗ ଏବଂ ସିକ୍କିମ୍‌ରେ ଏହି ଭୂକମ୍ପ ହୋଇଥିଲା । ତେବେ ଭାରତରେ ଏହି ଭୂକମ୍ପ ଜନିତ କୌଣସି କ୍ଷୟକ୍ଷତି ହୋଇନଥିବା ସୂଚନା ମିଳିଛି ।

## ଅମିତ ଶାହା-କ୍ରିମିନାଲ୍ ଲ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉତ୍ତର ପ୍ରଦେଶରେ ତିନୋଟି ନୂତନ ଅପରାଧିକ ଆଇନ୍‌ର ପ୍ରଚଳନ ବିଷୟ ନେଇ ଏକ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଛନ୍ତି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗଦେଇଛନ୍ତି । ତିନୋଟି ଅପରାଧିକ ଆଇନ୍ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ

ଭାରତୀୟ  ସାକ୍ଷ୍ୟ ଅଧିନିୟମ ୨୦୨୩ ଗତବର୍ଷ ଜୁଲାଇ ମାସରେ କାର୍ଯ୍ୟକାରି ହୋଇଥିଲା ।

## ମହାରାଷ୍ଟ୍ର-ଏଚ୍ଏମ୍ପିଭି

ଏଚ୍.ଏମ୍.ପି.ଭି. ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସମସ୍ତ ପ୍ରକାରର ଆବଶ୍ୟକୀୟ ପଦକ୍ଷେପ ନେବାକୁ ମହାରାଷ୍ଟ୍ରର ରାଜ୍ୟ ଭେଷଜ ଶିକ୍ଷା ମନ୍ତ୍ରୀ ହାସନ ମୁଶରିଫ୍ ରାଜ୍ୟର ସମସ୍ତ ମେଡିକାଲ୍ କଲେଜ୍ର ଡିନ୍ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ମହାରାଷ୍ଟ୍ରରେ ଏଚ୍.ଏମ୍.ଭି.ପି. ସଂକ୍ରମିତ ମାମଲା ଏ ପର୍ଯ୍ୟନ୍ତ ନଜରକୁ ଆସି ନ ଥିବା ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ।

ମନ୍ତ୍ରୀ ମେଡିକାଲ୍ କଲେଜ୍ର ଡିନ୍ମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଔଷଧ, ଅକ୍ସିଜେନ୍ ଏବଂ ଏକାନ୍ତକରଣ ବ୍ୟବସ୍ଥା କରିବା ପାଇଁ କହିଛନ୍ତି । ସମନ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ କଥାବାର୍ତ୍ତା କରି ଅଧିକ ଔଷଧର ଆବଶ୍ୟକତା ଥିଲେ ସେମାନଙ୍କୁ ଯୋଗାଇ ଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।